# Visit of the Prime Minister of the United Kingdom to India (April 21-22, 2022)

April 17, 2022

## ବ୍ରିଟେନର ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ (21-22 ଏପ୍ରିଲ 2022)

**ଏପ୍ରିଲ 17, 2022**

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆମନ୍ତ୍ରଣ କ୍ରମେ ବ୍ରିଟେନର ପ୍ରଧାନମନ୍ତ୍ରୀ ତଥା ମାନ୍ୟବର ସାଂସଦ ବୋରିସ୍ ଜନସନ 21-22 ଏପ୍ରିଲ 2022 ଭାରତ ଗସ୍ତ କରିବେ। ବ୍ରିଟେନର ପ୍ରଧାନମନ୍ତ୍ରୀ ଭାବରେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ ହେବ।

ପ୍ରଧାନମନ୍ତ୍ରୀ ଜନସନଙ୍କୁ ରାଷ୍ଟ୍ରପତି ଭବନରେ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯିବ ଏବଂ 22 ଏପ୍ରିଲରେ ପ୍ରଧାନମନ୍ତ୍ରୀଙ୍କ ସହ ସେ ଦ୍ୱିପାକ୍ଷିକ ବିଚାର ବିମର୍ଷ କରିବେ। ବ୍ରିଟେନର ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀରେ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ବ୍ୟତୀତ 21 ଏପ୍ରିଲରେ ଗୁଜୁରାଟ ଗସ୍ତ ମଧ୍ୟ କରିବେ।

ଭାରତ ଏବଂ ବ୍ରିଟେନ ମଧ୍ୟରେ ଦୀର୍ଘ ଓ ଐତିହାସିକ ସମ୍ପର୍କ ରହିଆସିଛି ଯାହା 2021 ରେ ଅନୁଷ୍ଠିତ ଭାରତ-ବ୍ରିଟେନ ଭର୍ଚୁଆଲ୍ ଶିଖର ସମ୍ମିଳନୀରେ ଏକ ବିସ୍ତୃତ ରଣନୀତିକ ଭାଗିଦାରୀକୁ ଉନ୍ନୀତ ହୋଇଥିଲା। ଦୁଇ ପ୍ରଧାନମନ୍ତ୍ରୀ ରୋଡମ୍ୟାପ 2030 ର କାର୍ଯ୍ୟକାରିତାକୁ ସମୀକ୍ଷା କରିବେ ଏବଂ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ କ୍ଷେତ୍ରରେ ସହଯୋଗକୁ ଆହୁରି ସୁଦୃଢ କରିବା ପାଇଁ ସେମାନଙ୍କର ଦୃଷ୍ଟିକୋଣ ସ୍ଥିର କରିବେ। ପାରସ୍ପରିକ ଆଗ୍ରହର ଆଞ୍ଚଳିକ ଓ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ସେମାନେ ମତ ବିନିମୟ କରିବେ।

**ନୂଆଦିଲ୍ଲୀ**

**ଏପ୍ରିଲ 17, 2022**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.